ବିଶ୍ୱବନ୍ଦିତା । ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ମିଳିତ ଜାତିସଂଘ କହିଥିଲା 'ଗାନ୍ଧୀ ହେଉଛନ୍ତି ଆଧୁନିକ ବିଶ୍ୱଶାନ୍ତିର ଦାର୍ଶନିକ ।'

ଅନ୍ୟ ଏକ ଦୃଷ୍ଟିରୁ ବିଚାର କଲେ ଆଜି ଯେଉଁ ଧର୍ମ ନିରପେକ୍ଷ କଥା କୁହାଯାଉଛି ତା'ର ଏକ ପ୍ରତିଛବି ହେଉଛନ୍ତି ମହାତ୍ମା ଗାନ୍ଧୀ । ତାଙ୍କ ପ୍ରାର୍ଥନା ସଭାରେ 'ରଘୁପତି ରାଘବ ରାଜାରାମ' ଭଜନ ଗାନ କରାଯାଇଥିଲା ଏବଂ ବାଇବେଲରେ ଥିବା ଯୀଶୁଖ୍ରୀଷ୍ଟଙ୍କ 'ସରମନ ଅନ ଦି ମାଉଣ୍ଟ' ମଧ୍ୟ ପାଠ ହେଉଥିଲା । କୌଣସି ସଂକୀର୍ଣ୍ଣ ଧର୍ମର ଆଚରଣ ମଧ୍ୟରେ ଗାନ୍ଧିଜୀ ନିଜକୁ ଆବଦ୍ଧ କରି ରଖିପାରିନଥିଲେ । ତାଙ୍କ ପ୍ରିୟ ପ୍ରାର୍ଥନା ଥିଲା -

'ଈଶ୍ୱର ଆଲ୍ଲା ତେରେ ନାମ
ସବ୍‌କୋ ସନମତ ଦେ ଭଗବାନ୍ ।'

ଅନ୍ୟ ଭାଷାରେ କହିବାକୁ ଗଲେ ସର୍ବଧର୍ମ ସମନ୍ୱୟ ହେଉଛି ମହାତ୍ମା ଗାନ୍ଧୀଙ୍କ ଜୀବନ ଆଦର୍ଶ । ୧୯୩୩ ମସିହାରେ ଗୋଲଟେବୁଲ ବୈଠକରେ ଯୋଗଦେବାକୁ ଗାନ୍ଧୀ ଲଣ୍ଡନ ଯାଇଥିଲେ । ତାଙ୍କ ପ୍ରାର୍ଥନା ସଭାକୁ ଦେଖି ଇଂରେଜ ମହିଳାମାନେ ଅବାକ୍ ହୋଇଗଲେ । ସେମାନଙ୍କ ମତରେ 'ଆମ ଦେଖିବାରେ ସର୍ବୋତ୍ତମ ଖ୍ରୀଷ୍ଟୀୟାନ ହେଉଛନ୍ତି ଜଣେ ହିନ୍ଦୁ ।'

ଗାନ୍ଧୀ କେବଳ ସ୍ୱାଧୀନତା ଆନ୍ଦୋଳନରେ ଭଗୀରଥ ବା ଧର୍ମନିରପେକ୍ଷ ବ୍ୟକ୍ତିବିଶେଷ ଥିଲେ ତାହା ନୁହେଁ, ଦରିଦ୍ର, ଅବହେଳିତ ତଥା ନିଷ୍ପେଷିତ ଜନତାଙ୍କ ପାଇଁ ସେ ଥିଲେ ଈଶ୍ୱର ଦୂତ ସଦୃଶ୍ୟ । ୧୯୩୮ ମସିହାରେ ଓଡ଼ିଶା ପରିଦର୍ଶନ ସମୟରେ ଡେଲାଙ୍ଗଠାରେ ଓଡ଼ିଶାର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିରାଟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ମହାତ୍ମା ଗାନ୍ଧୀ କହିଥିଲେ - 'Orissa is the land of my love in India. Ever since I landed in India, I begain to hear of Orissa's poverty and famine. Thakkar Bapa came in connection with it and organised famine relief and I also realised that if I could serve Orissa somewhat. I would be so doing service to India.' ସମସାମୟିକ ଦୁନିଆରେ ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ଶାନ୍ତି ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ । ଏକଥା କହିଲେ କିଛି ଅତିରଞ୍ଜିତ ହେବ ନାହିଁ ଯେ ମହାତ୍ମା ଗାନ୍ଧୀଙ୍କ ପରି ବିକଳ୍ପ ବ୍ୟକ୍ତିତ୍ୱ ଏ ପର୍ଯ୍ୟନ୍ତ ଜନ୍ମ ନେଇନାହାନ୍ତି । ପରିଶେଷରେ ବିଖ୍ୟାତ କମ୍ୟୁନିଷ୍ଟ ନେତା ମୋହିତ ସେନ୍‌ଙ୍କ ଭାଷାରେ କହିବାକୁ ଗଲେ, 'ଭାରତ ବୋଇଲେ ହିମାଳୟ କଥା ମନକୁ ଆସିବ, ଗଙ୍ଗାନଦୀ ମନେ ପଡ଼ିବ ଏବଂ ଗାନ୍ଧୀଙ୍କ କଥା ବି ମନକୁ ଆସିଯିବ ।'

ଅନୁଶାସନ ସଚିବ
ଅର୍ଥ ବିଭାଗ, ଭୁବନେଶ୍ୱର

ଲେଖା ହେବ ନୂଆ ଇତିହାସ

ଅଧ୍ୟାପକ ବିକ୍ରମ କେଶରୀ ବର୍ମା

ହେ ନୂତନ ବରଷ
ଆମ ମନେ ଭରିଦିଅ ଅପୂର୍ବ ସାହସ
କ୍ଲୀବତ୍ୱ ହେଉ ଦୂର
ବୀରତ୍ୱ ହେଉ ପରକାଶ ॥

କଳିଙ୍ଗାଃ ସାହସିକାଃ ଜାତି
ଉଠୁ ଆଉଥରେ ମାତି
ସୃଷ୍ଟି କରୁ ବିଶ୍ୱବକ୍ଷରେ ହୃତକମ୍ପ
ସୂର୍ଯ୍ୟଙ୍କୁ କରିବାକୁ ଗ୍ରାସ
ହନୁମାନ ପରି
ମାରୁ ସରଗକୁ ଲମ୍ଫ ॥

ସାଗର ଲଂଘନ କରି
ତୋଳି ଦେଉ ବାଣିଜ୍ୟର ତରୀ
ବିଦେଶ ମାଟିରେ ଉଡୁ
ଆମରି ପତାକା
ମୈତ୍ରୀର ସନ୍ଦେଶ ପ୍ରଚାରିତ କରି ॥

ନୂତନ କୋଣାର୍କ ହୋଇବ ତିଆରି
ଲେଖା ହେବ ନୂଆ ଇତିହାସ
ଆମ ମନେ ଦିଅ ଅପୂର୍ବ ସାହସ
ହେ ନୂଆ ବରଷ ॥

ବିଧାୟକ, ମାହାଙ୍ଗା
ଡି.ଏସ୍.-୧୭/୧
ୟୁନିଟ୍-୪, ଭୁବନେଶ୍ୱର